# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୮୨୩ /ସୂ.ଲୋ.ସଂ, ୦୩/୧୦/୨୦୧୮

## ଜିଲ୍ଲାସ୍ତରୀୟ ପୋଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ

ଢେଙ୍କାନାଳ ,୦୩/୧୦/୨୦୧୮ ଖ୍ରୀ :- ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ଜିଲ୍ଲାରେ ହେଉଥିବା ଘଟଣାଗୁଡ଼ିକ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଢେଙ୍କାନାଳ ଜିଲ୍ଲାରେ ଆଗକୁ ହେବାକୁ ଯାଉଥିବା ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା ସମ୍ପର୍କରେ ଆୟୋଜନ କରାଯାଇ ଶୃଙ୍ଖଳାର ସହ ଶେଷ କରାଯିବ ବୋଲି ପ୍ରକାଶ କରିଥିଲେ । ଏସ.ପି. ଶ୍ରୀମତୀ ଅନୁପମା ଜେମ୍ସ ଜିଲ୍ଲାରେ ହେବାକୁ ଯାଉଥିବା ପୂଜାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ପୋଲିସ ଓ ମାଜିଷ୍ଟ୍ରେଟ୍ ମାନଙ୍କ ସହଯୋଗ କାମନା କରିଥିଲେ । ସନ୍ଧ୍ୟାଞ୍ଚଳରେ ସି.ସି.ଟି.ଭି. କ୍ୟାମେରା ଲଗାଇବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ହିନ୍ଦୋଳ ଏସ.ଡି.ପି.ଓ. କାର୍ଯ୍ୟାଳୟ ପାଇଁ ଜାଗା ଯୋଗାଣ ସଂପର୍କରେ ଆଲୋଚନା କରାଯାଇଥିଲା । ଜାଗା ଅବରୋଧକାରୀଙ୍କ ଉପରେ ହିନ୍ଦୋଳରେ ସରକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉପଖଣ୍ଡ ସ୍ତରରେ ମାଜିଷ୍ଟ୍ରେଟ୍ ମାନଙ୍କ ସହଯୋଗର ଆବଶ୍ୟକତା ଥିବା ଏସ.ପି. ଶ୍ରୀମତୀ ଜେମ୍ସ କହିଥିଲେ । ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ଗାଡ଼ିଚାଳକ ମାନଙ୍କୁ ସଚେତନ କରିବାକୁ ପୋଲିସ ଓ ପରିବହନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉପଖଣ୍ଡ ସ୍ତରୀୟ ମାଜିଷ୍ଟ୍ରେଟ୍ ମାନେ ପୋଲିସ କାର୍ଯ୍ୟାଳୟ ସହ ସମନ୍ୱୟରେ ତୁରନ୍ତ ମାଜିଷ୍ଟ୍ରେଟ୍, ମଦ୍ୟପାନ ଆଇନ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ । କାମାକ୍ଷାନଗର ଓ ଭୁବନରେ ଦୁର୍ଗାପୂଜା ସମୟରେ ଅଧିକ ଆରକ୍ଷୀ ବାହିନୀ ମୁତୟନ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ବସନ୍ତ ପ୍ରସାଦ ଆଚାର୍ଯ୍ୟ ଏସ.ପି.ଙ୍କୁ ଅନୁରୋଧ କରିଥିଲେ । ସମସ୍ତ ଉପଜିଲ୍ଲାପାଳ ପୂଜା ସମୟରେ ସୁବିଧାରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ । ଠିକ୍ ସେହିପରି ଗଜଲକ୍ଷ୍ମୀ ପୂଜା ସମୟରେ ଢେଙ୍କାନାଳରେ ଅଧିକ

(ଆ.ପୃ.ଦେ.)

ପୋଲିସ୍ ଫୋର୍ସ ମୁତୟନ ସମ୍ପର୍କିତ ଏହି ବୈଠକରେ ଆଲୋଚନା ହୋଇଥିଲା । ବେଆଇନ ଖଣି ଖନନ ଓ ବାଲିର ଉପରେ ତହସିଲଦାର ମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାରଙ୍କୁ ଜାତି ଓ ଉପଜାତିଙ୍କ ଉପରେ ହୋଇଥିବା ଅତ୍ୟାଚାରଗୁଡ଼ିକର କ୍ଷତିପୂରଣ ଯେପରି ଶୀଘ୍ର ପ୍ରମାଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏମ୍.ଭି.ଆଇ ଓ ଯୋଗ୍ୟତାପ୍ରାପ୍ତ ଆର.ଟି.ଓ ଶ୍ରୀ ଶ୍ରୀକାନ୍ତ ନାୟକ ମଟରଗାଡ଼ିଗୁଡ଼ିକ ଦୈନିକ ଚେକିଂ କରାଯାଉଛି ଏବଂ ଖୁବ୍ ଶୀଘ୍ର ଆର.ଟି.ଓ. କାର୍ଯ୍ୟାଳୟକୁ ଦଲାଲମୁକ୍ତ କରାଯାଉଥିବା ପ୍ରକାଶ କରିଥିଲେ । ସେହିପରି ଜିଲ୍ଲାରେ ଅବକାରୀ ବିଭାଗ ଦ୍ୱାରା ମୁଖ୍ୟ ଉଦ୍ଦେଶ୍ୟରେ କରାଯାଉଥିବା ଅବକାରୀ ଅଧୀକ୍ଷକ ଶ୍ରୀ ମନୋଜ ସେଠୀ କହିଥିଲେ । ନିକଟରେ ବହୁ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଓ ନକଲି ବିଦେଶୀ ମଦ କାରଖାନା ଧରାଯାଇଥିବା ପ୍ରକାଶ କରିଥିଲେ । ପୋଲିସ ଓ ଅବକାରୀ ବିଭାଗର ଯୁଗ୍ମଭାବେ ଆଗାମୀ ଲକ୍ଷ୍ମୀ ପୂଜା ପୂର୍ବରୁ କରାଯିବ । ଢେଙ୍କାନାଳ ଜିଲ୍ଲାରେ ମଦ୍ୟପାନ କରି ୧୧୦ ଯାନଚାଳକ ଧରାପଡ଼ିଥିବା ବୈଠକରୁ ଜଣାପଡ଼ିଛି । ଏସବୁ ମାମଲାଗୁଡ଼ିକ ଠିକ୍‌ଭାବେ ପରିଚାଳନା କଲେ ତା'ର ସୁଫଳ ମିଳିପାରିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ଡଙ୍ଗାବୁଡ଼ି, ସାପକାମୁଡ଼ା, ବଜ୍ରପାତ ଜନିତ ମୃତ୍ୟୁର ଅନୁଗ୍ରହ ରାଶି ଚଳିତ ମାସ ଶେଷ ସୁଦ୍ଧା ପ୍ରଦାନ କରିବାକୁ ଜିଲ୍ଲାପାଳ ଶ୍ରୀ ବେହେରା ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଜାତୀୟ ରାଜପଥ ନିର୍ମାଣ, ଅପରାଧ କାର୍ଯ୍ୟକଳାପର ନିୟନ୍ତ୍ରଣ, ପଥର ଖଣି ଖନନ, ଜଙ୍ଗଲ ସୁରକ୍ଷା, ସଡ଼କ ସୁରକ୍ଷା, ରାସ୍ତା ଅବରୋଧ, ପୋଷ୍ଟମର୍ଟମ ରିପୋର୍ଟ ପ୍ରଦାନ ଉପରେ ଆଲୋଚନା କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉମେଶ କୁମାର ନାୟକ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ, ପି.ଡି. ଡି.ଆର.ଡି.ଏ ଶ୍ରୀ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ହିନ୍ଦୋଳ ଉପଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ, ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ବୈଠକରେ ହୋଇଥିବା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

— x —

୦୩/୧୦/୨୦୧୪

Dist. Information & Public Relations Officer
Dhenkanal